# ଆଦିବାସୀ ମେଳାର ଚତୁର୍ଦ୍ଦଶ ସଂଧ୍ୟା : ୦୮.୦୨.୨୦୧୦

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଚତୁର୍ଦ୍ଦଶ ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ମାନ୍ୟବର ଓଡ଼ିଶାର ପଞ୍ଚାୟତିରାଜ ସୂଚନା ଓ ଲୋକ ସଂପର୍କ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ ଏବଂ ପଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ରାମଚନ୍ଦ୍ର କାଡ଼ାମ ଆସନ ଅଳଂକୃତ କରିଥିଲେ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ପ୍ରଫେସର (ଡଃ) ଅଖିଳ ବିହାରୀ ଓତା ସ୍ୱାଗତ ଅଭିଭାଷଣ ପ୍ରଦାନ ପ୍ରସଂଗରେ ଆଦିବାସୀ ମେଳାର ଐତିହ୍ୟ ଉପରେ ସଂକ୍ଷିପ୍ତ ସୂଚନା ଦେଇ ଏହି ମେଳାର ବିଭିନ୍ନ ଦିବସରେ ଦେଶବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଆଗମନରେ ଏବଂ ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ସକ୍ରୀୟ ଯୋଗଦାନ ଦ୍ୱାରା ମେଳାର ମହତ୍ତ୍ୱ ବହୁଗୁଣରେ ବୃଦ୍ଧି ପାଇଛି ବୋଲି କହିଥିଲେ ଏବଂ ଜନମାନସରେ ଦିନକୁ ଦିନ ଏହା ନିଜର ପ୍ରସିଦ୍ଧି କିପରି ବଢ଼ାଇ ଚାଲିଛି ତାହା ଉପରେ ସୂଚନା ପ୍ରଦାନ କରିଥିଲେ ।

ପଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ରାମଚନ୍ଦ୍ର କାଡ଼ାମ ମହୋଦୟ କହିଲେ ଯେ ଆମର ଆଦିବାସୀ ଭାଇମାନେ ଏହି ମାଟିର ଭୂମିପୁତ୍ର ହୋଇଥିଲେ ମଧ ସେମାନେ ଏପର୍ଯ୍ୟନ୍ତ ଅବହେଳିତ ହୋଇ ରହିଛନ୍ତି । ସ୍ୱାଧୀନତାର ୬୩ ବର୍ଷ ବିତି ଯାଇଥିଲେ ମଧ ସେମାନଙ୍କର ସାକ୍ଷରତା ହାର ଆଶାନୁରୂପ ଭାବେ ବୃଦ୍ଧି ପାଇନାହିଁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେଇପାରିନାହିଁ । ସେମାନଙ୍କର ଆବଶ୍ୟକତା, ଆଶା ଓ ଆକାଂକ୍ଷାକୁ ବିଚାରକୁ ନେଇ ବିକାଶମୂଳକ ଯୋଜନାମାନ ପ୍ରଣୟନ ଏବଂ କାର୍ଯ୍ୟକାରୀ କରାଗଲେ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ହୋଇପାରିବ ।

ମନ୍ତ୍ରୀ ମହୋଦୟ ଶ୍ରୀଯୁକ୍ତ ସାମଲ କହିଲେ ଯେ ଆଦିବାସୀମାନେ ସରଳ ଓ ଅହିଂସାର ପୂଜକ । କିନ୍ତୁ ସେମାନଙ୍କ ସ୍ୱାଧୀନତା ଉପରେ ହସ୍ତକ୍ଷେପ କଲେ ସେମାନେ ହିଂସ୍ର ହୋଇ ଉଠନ୍ତି । ସେଥିଲାଗି ଭାରତବର୍ଷରେ ଇଂରେଜ ଶାସକମାନଙ୍କ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ହେଲେ ଭାରତର ବିଭିନ୍ନ ପ୍ରାନ୍ତରରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ଯେଉଁମାନଙ୍କୁ ଇତିହାସ ମଧ ଉପଯୁକ୍ତ ସମ୍ମାନ ଦେଇନାହିଁ । ପଣ୍ଡିତ ରଘୁନାଥ ମୁର୍ମୁ ଆଦିବାସୀମାନଙ୍କ ମଧରେ ଶିକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ସାନ୍ତାଳୀ ଭାଷାର "ଅଲ୍‌ଚିକି" ଲିପି ଉଦ୍‌ଭାବନ କରି ଅମର ହୋଇଯାଇଛନ୍ତି । ତାହା ସାନ୍ତାଳମାନଙ୍କ ମଧରେ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ସହାୟକ ହେଉଛି । କେଉଁ ଆବହମାନ କାଳରୁ ଜମି ଏବଂ ଜଙ୍ଗଲ ଉପରେ ଆଦିବାସୀମାନଙ୍କର ପାରଂପରିକ ଅଧିକାର ରହିଆସିଛି । ସରକାର ତାହାକୁ ମାନ୍ୟତା ଦେଇ ବର୍ତ୍ତମାନ ତାଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରୁଛନ୍ତି । ଆଦିବାସୀ ମହିଳା ସଶକ୍ତିକରଣ ତତ୍ତ୍ୱ ଉପରେ ଆଧାରିତ ଏବର୍ଷର ଏହି ଆଦିବାସୀ ମେଳା ଦେଶବିଦେଶରେ ଓଡ଼ିଶାର ଆଦିବାସୀ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରି ଜନମାନସରେ ଆଦରଣୀୟ ହୋଇପାରିଛି । ବିଶେଷତଃ ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସକ୍ରୀୟ ଭାବରେ ଏହି ଆଦିବାସୀ ମେଳାରେ ସାମିଲ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ପ୍ରେରଣା ଦିଆଯାଇଛି ତାହା ପ୍ରଶଂସନୀୟ । ଆମେ ସମସ୍ତେ ମିଶି ଯଦି ଆମର ଆଦିବାସୀ ଭାଇଭଉଣୀମାନଙ୍କ ମୁହଁରେ ହସ ଫୁଟାଇପାରିବା ତାହାହେଲେ ଆମର ଯୋଜନା ସାର୍ଥକ ହୋଇପାରିବ ।

ଆଜିର ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଯାହା ଦର୍ଶକମାନଙ୍କୁ ବିମୋହିତ କରିଥିଲା । ତାହା ଥିଲା ରାୟଗଡ଼ା ଜିଲ୍ଲାର ଲାଞ୍ଜିଆ ସଉରା ନୃତ୍ୟ, ମାଲ୍‌କାନ୍‌ଗିରି ଜିଲ୍ଲାର କୋୟା ନୃତ୍ୟ, କୋରାପୁଟ ଜିଲ୍ଲାର ପରଜା ନୃତ୍ୟ, ସାନ୍ତାଳ ବାଦ୍ୟ ବିଚିତ୍ରା ଏବଂ ସବୁଦିନ ପରି କଳିଙ୍ଗ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନର ଆଦିବାସୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ଆଦିବାସୀ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ।

ଅଗଣିତ ଦର୍ଶକ ମେଳାର ବିଭିନ୍ନ ବିଭାଗକୁ ପ୍ରାଣଭରି ଉପଭୋଗ କରିଥିଲେ । ସବୁଠୁଁ ବେଶୀ ଆକର୍ଷଣୀୟ ଥିଲା ରଂଗ ବେରଂଗ ବେଶ ପୋଷାକରେ ସଜ୍ଜିତ ବିଭିନ୍ନ ଆଦିବାସୀ ଗୋଷ୍ଠୀର ମହିଳାମାନେ ଏବଂ ବିଦେଶର ଆଗନ୍ତୁକମାନେ । ବିଦେଶୀମାନଙ୍କ ପାଇଁ ଏହି ମେଳା ଥିଲା ଏକ ଭିନ୍ନ ଦୁନିଆ ଯେଉଁ ଦୁନିଆଁ ତାଙ୍କ ପାଇଁ ଏକ ପ୍ରାଗ୍ ଐତିହାସିକ ଦୁନିଆଁ ।

***